ରିପୋର୍ଟଯୋଗ୍ୟ

ଭାରତୀୟ ଉଚ୍ଚତମ ନ୍ୟାୟାଳୟ

ସିଭିଲ୍ ଅପିଲ୍ ଅଧିକାରିତା

ସିଭିଲ୍ ଅପିଲ୍ ନଂ. ୪୬୪୬/୨୦୧୯

(ସ୍ପେଶିଆଲ୍ ଲିଭ୍ ପିଟିସନ୍ (ସିଭିଲ୍) ନଂ ୪୯୭୬/୨୦୧୯ ଉଦଭୂତ)

ଓଡ଼ିଶା ସରକାର ଏବଂ ଅନ୍ୟ ... ... ଅପିଲକାରୀ

ବନାମ

ଧୀରେନ୍ଦ୍ର ସୁନ୍ଦର ଦାସ ଏବଂ ଓଗେର ... ... ପ୍ରତିବାଦୀ

ଏଥି ସହିତ

ସିଭିଲ୍ ଅପିଲ୍ ନଂ. ୪୬୪୭/୨୦୧୯

(ସ୍ପେଶିଆଲ୍ ଲିଭ୍ ପିଟିସନ୍ (ସିଭିଲ୍) ନଂ ୪୯୭୭/୨୦୧୯ ରୁ ଉଦଭୂତ)

ସିଭିଲ୍ ଅପିଲ୍ ନଂ. ୪୬୪୮/୨୦୧୯

(ସ୍ପେଶିଆଲ୍ ଲିଭ୍ ପିଟିସନ୍ (ସିଭିଲ୍) ନଂ ୪୯୭୮/୨୦୧୯ ରୁ ଉଦଭୂତ)

ସିଭିଲ୍ ଅପିଲ୍ ନଂ. ୪୬୪୯/୨୦୧୯

(ସ୍ପେଶିଆଲ୍ ଲିଭ୍ ପିଟିସନ୍ (ସିଭିଲ୍) ନଂ ୪୯୭୯/୨୦୧୯ ରୁ ଉଦଭୂତ)

ସିଭିଲ୍ ଅପିଲ୍ ନଂ. ୪୬୫୦/୨୦୧୯

(ସ୍ପେଶିଆଲ୍ ଲିଭ୍ ପିଟିସନ୍ (ସିଭିଲ୍) ନଂ ୪୯୮୦/୨୦୧୯ ରୁ ଉଦଭୂତ)

ସିଭିଲ୍ ଅପିଲ୍ ନଂ. ୪୬୫୧/୨୦୧୯

(ସ୍ପେଶିଆଲ୍ ଲିଭ୍ ପିଟିସନ୍ (ସିଭିଲ୍) ନଂ ୧୧୮୬୧/୨୦୧୯ ରୁ ଉଦଭୂତ)

(ଡ଼ାଏରୀ ନଂ ୧୩୯୩୮/୨୦୧୯)

ସିଭିଲ୍ ଅପିଲ୍ ନଂ. ୪୬୫୨/୨୦୧୯

(ସ୍ପେଶିଆଲ୍ ଲିଭ୍ ପିଟିସନ୍ (ସିଭିଲ୍) ନଂ ୧୧୮୬୨/୨୦୧୯ ରୁ ଉଦଭୂତ)

(ଡ଼ାଏରୀ ନଂ ୧୩୯୪୬/୨୦୧୯)

ରାୟ

ମାନ୍ୟବର ନ୍ୟାୟମୂର୍ତି ଇନ୍ଦୁ ମାଲହୋତ୍ରା

ଲିଭ୍ ପିଟିସନ ମଞ୍ଜୁର କରାଗଲା ।

୧) ଏହି ସିଭିଲ ଅପିଲଗୁଡ଼ିକ ଏସ୍.ଏଲ୍. ପି (ସି) ନଂ. ୪୯୭୬-୪୯୮୦/୨୦୧୯ ଏବଂ ଏସ୍. ଏଲ୍. ପି (ସି) ଡ଼ାଇରୀ ନଂ ୧୩୯୩୮ ଓ ୧୩୯୪୬/୨୦୧୯ ରୁ ଉଦ୍ଭୂତ ।

ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ମିଳିତ ଖଣ୍ଡପୀଠ ଦ୍ୱାରା ରିଟ୍ ପିଟିସନ (ସିଭିଲ୍) ନଂ. ୧୪୮୩୧/୨୦୧୩, ୧୮୭୪୯/୨୦୧୭, ୬୭୨୦/୨୦୧୩, ୨୫୯୬୧/୨୦୧୭ ଏବଂ ୯୨୦୦/୨୦୧୬ରେ ତା ୩୦/୦୪/୨୦୧୮ରିଖର ରାୟ ଏବଂ ଆଦେଶରୁ ଏହି ଏସ୍.ଏଲ୍.ପି.(ସି) ନଂ. ୪୯୭୬-୪୯୮୦/୨୦୧୯ ଉଦ୍ଭୂତ ।

ମାନ୍ୟବର ଓଡ଼ିଶା ହାଇକୋର୍ଟଙ୍କ ମିଳିତ ଖଣ୍ଡପୀଠ ଦ୍ୱାରା ତା.୦୮/୦୮/୨୦୧୮ରିଖ ଏବଂ ତା ୧୦/୦୮/୨୦୧୮ରିଖରେ ଦିଆଯାଇଥିବା ଆଦେଶ ଯେଉଁଥିରେ ରିଟ୍ ପିଟିସନ(ସିଭିଲ୍) ନଂ. ୭୩୮୩ ଏବଂ ୧୪୬୭୫/୨୦୧୮ ତା ୩୦/୦୪/୨୦୧୮ରିଖର ମିଳିତ ରାୟର ବଳରେ ଫଇସଲା ହୋଇଥିଲା, ତହିଁରୁ ଏସ୍. ଏଲ୍. ପି (ସି) ଡ଼ାଇରୀ ନଂ ୧୩୯୩୮ ଓ ୧୩୯୪୬/୨୦୧୯ ଉଦ୍ଭୂତ ହୋଇଛି ।

୨) ଯେଉଁ ତଥ୍ୟ ଆଧାରରେ ଏହି ସିଭିଲ୍ ଅପିଲ ଗୁଡ଼ିକ ବିଚାରକୁ ନିଆଯାଇଛି, ସଂକ୍ଷେପରେ ତାହାକୁ ନିମ୍ନମତେ ଉଲ୍ଲିଖିତ କରାଗଲା ।

୨.୧ ତା ୨୮.୦୪.୨୦୦୮ରିଖରେ ଅପିଲକାରୀ – ଓଡ଼ିଶା ସରକାର (ସରକାର)ଙ୍କ ତରଫରୁ ଓଡ଼ିଶା ପ୍ରଶାସନିକ ସେବା ଶ୍ରେଣୀ-୨ (ଓ.ଏ.ଏସ୍. -୨) କ୍ୟାଡ଼ରରେ ଥିବା ୧୫୦ ଗୋଟି ଶୂନ୍ୟ ପଦବୀରେ ପଦୋନ୍ନତି ମାଧ୍ୟମରେ ନିଯୁକ୍ତି ନିମନ୍ତେ ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଏବଂ ଜିଲ୍ଲାପାଳଙ୍କଠାରୁ ସୁପାରିଶ ଆହ୍ୱାନ କରାଗଲା । ଏହି ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପ୍ରଶାସନିକ ସେବା ଶ୍ରେଣୀ-୨ (ନିଯୁକ୍ତି) ନିୟମ ୧୯୭୮ (ଓ.ଏ.ଏସ୍. ଶ୍ରେଣୀ-୨ ରୁଲ୍ସ ୧୯୭୮) ଏବଂ ଓଡ଼ିଶା ପ୍ରଶାସନିକ ସେବା ଶ୍ରେଣୀ-୨ (ପଦୋନ୍ନତି ଓ

ଚୟନ ଦ୍ୱାରା ନିଯୁକ୍ତି) ନିୟମାବଳୀ ୧୯୭୮ (ଓ.ଏ.ଏସ୍. ଶ୍ରେଣୀ-୨ ନିୟମାବଳୀ, ୧୯୭୮) ଅନୁଯାୟୀ କରିବାପାଇଁ ଧାର୍ଯ୍ୟ ହେଲା ।

୨.୨ ଓ.ଏ.ଏସ୍. ଶ୍ରେଣୀ-୨ ପଦବୀରେ ପଦୋନ୍ନତି/ଚୟନକୁ ବିଚାରକୁ ନେବା ନିମନ୍ତେ ସଂପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରତିବାଦୀଙ୍କୁ ମିଶାଇ ୫୫୯ ଜଣ ପ୍ରାର୍ଥୀଙ୍କ ନାମ ପଠାଇଲେ ।

୨.୩ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ, କଟକ ବେନ୍ଚ (ଓ.ଏ.ଟି)ଙ୍କ ଦ୍ୱାରା ତା୧୧.୦୫.୨୦୦୭ରିଖରେ ଦିଆଯାଇଥିବା ରାୟକୁ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ସରକାର ତା ୭.୬.୨୦୦୮ରିଖରେ ଏକ ସରକାରୀ ଆଦେଶ ଜାରିକଲେ ।

ଓ.ଏ.ଟି ରାଜ୍ୟ ସରକାରଙ୍କୁ ୨୦୦୧ ଠାରୁ ୨୦୦୫ ପର୍ଯ୍ୟନ୍ତ ବାର୍ଷିକ ଭିତିରେ ପୃଥକ ଭାବେ ଶୂନ୍ୟ ପଦବୀ ନିର୍ଦ୍ଧାରଣ କରିବା ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କୁ ଡ଼ାକିବା, ପ୍ରକ୍ରିୟା ପରିଚାଳନା କରିବା, ନିର୍ଦ୍ଧାରିତ ପ୍ରକ୍ରିୟା ଦ୍ୱାରା ଡ଼ି.ପି.ସି ବସାଇବା ଏବଂ ଛଅ ମାସ ମଧ୍ୟରେ ନିଯୁକ୍ତି ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

୨.୫ ଏହି ପୃଷ୍ଠଭୂମିରେ ୨୦୦୧-୨୦୦୫ ବର୍ଷ ପାଇଁ ପଦୋନ୍ନତି/ଚୟନ ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ୨୦୦୮ ନିଯୁକ୍ତ ବର୍ଷ ପାଇଁ ଓ.ଏ.ଏସ୍.ଶ୍ରେଣୀ ୨ ପଦବୀରେ ନିଯୁକ୍ତି ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ରାଜ୍ୟ ସରକାର ନିଷ୍ପତି ନେଲେ ।

୨.୫ ଟ୍ରିବୁନାଲ୍‌ର ଆଦେଶ ଅନୁଯାୟୀ ରାଜ୍ୟ ସରକାର ତା ୧୯.୦୬.୦୮ରିଖ ଚିଠି ବଳରେ ୨୦୦୧ ରୁ ୨୦୦୫ ମଧ୍ୟରେ ଓ.ଏ.ଏସ୍. ଶ୍ରେଣୀ-୨ ନିୟମାବଳୀ, ୧୯୭୮ର ନିୟମ ୩(ଗ) ଅନୁସାରେ ଓ.ଏ.ଏସ୍. ଶ୍ରେଣୀ-୨ ପଦବୀରେ ନିଯୁକ୍ତି ନିମନ୍ତେ ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଏବଂ ଜିଲ୍ଲାପାଳଙ୍କଠାରୁ ସୁପାରିଶ ଆହ୍ୱାନ କଲେ ।

୨.୬ ୨୦୦୭-୨୦୦୮ ବର୍ଷ ପାଇଁ ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ ନିମିତ୍ତ ହେଉଥିବା ବିଳମ୍ବରେ ବ୍ୟଥିତ ହୋଇ ପ୍ରତିବାଦୀ ଏବଂ ସମସ୍ଥିତିରେ ଥିବା ପ୍ରାର୍ଥୀ, ଯେଉଁମାନେ ୨୦୦୮ ବର୍ଷ ନିମନ୍ତେ ଶୂନ୍ୟ ଥିବା ଓ.ଏ.ଏସ୍. ଶ୍ରେଣୀ-୨ ପଦବୀ ପାଇଁ ବିବେଚିତ ହେବା ନିମିତ୍ତ

ସୁପାରିଶ ହୋଇଥିଲେ, ଓ.ଏ.ଟି.ସମ୍ମୁଖରେ କେତେ ଗୁଡ଼ିଏ ଓ.ଏ. ଦାୟର କରିଥିଲେ । ଆବେଦନକାରୀମାନେ ଏକ ଡ଼ି.ପି.ସି ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟାକୁ ସଂପୂର୍ଣ୍ଣ କରିବାକୁ, ୨୦୦୭-୨୦୦୮ ବର୍ଷ ନିମନ୍ତେ ଚୟନ ତାଲିକାକୁ ଏକ ମାସ ମଧ୍ୟରେ ଘୋଷଣା କରିବାକୁ ଏବଂ ନିଯୁକ୍ତି ପତ୍ର ଜାରି କରିବାକୁ ପ୍ରାର୍ଥନା କରିଥିଲେ ।

୨.୬ ରାଜ୍ୟ ସରକାର ୨୦୦୯, ଫେବୃୟାରୀରେ ଓଡ଼ିଶା ପ୍ରଶାସନିକ ସେବାର ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କଲେ ।

ପୁର୍ନଗଠିତ ଓଡ଼ିଶା ପ୍ରଶାସନିକ ସେବା କ୍ୟାଡ଼ର (ସଂବର୍ଗ), ବିଭିନ୍ନ ପଦକ୍ରମକୁ ନେଇ ଗଠିତ ହେବ, ଯଥା:- ଓ.ଏ.ଏସ୍ ଶ୍ରେଣୀ-୧, (କନିଷ୍ଠ ବିଭାଗ), ଓ.ଏ.ଏସ୍. ଶ୍ରେଣୀ-୧, (ବରିଷ୍ଠ ବିଭାଗ), ଓ.ଏ.ଏସ୍. (ସୁପରଟାଇମ୍ ସ୍କେଲ୍), ଓ.ଏ.ଏସ୍. (ସୁପରଟାଇମ୍ ସ୍କେଲ୍‌ରେ ବରିଷ୍ଠ ଶ୍ରେଣୀ), ଓ.ଏ.ଏସ୍. (ଉଚ୍ଚତର ପ୍ରଶାସନିକ ପଦକ୍ରମ) ଏବଂ ଓ.ଏ.ଏସ୍. (ସ୍ୱତନ୍ତ୍ର ସଚିବ) ।

୨.୮ ତା ୨୫.୦୫.୨୦୦୯ ରିଖ ଆନୁଷ୍ଠାନିକ ପ୍ରସ୍ତାବ ବଳରେ ଓଡ଼ିଶା ରାଜସ୍ୱ ସେବା ଗ୍ରୁପ୍-ବି କ୍ୟାଡ଼ର ଗଠିତ ହେଲା ।

ଓ.ଏ.ଏସ୍ ଶ୍ରେଣୀ-୨ ପଦବୀର ପ୍ରଚଳିତ କ୍ୟାଡ଼ର ଉଚ୍ଛେଦ ହେଲା । ଓଡ଼ିଶା ରାଜସ୍ୱ ସେବା ଗ୍ରୁପ୍ 'ବି' କ୍ୟାଡ଼ରକୁ ଓ.ଏ.ଏସ୍ ଶ୍ରେଣୀ-୨ର ଅନୁରୂପ କ୍ୟାଡ଼ର ଭାବେ ବିବେଚିତ କରାଗଲା ।

୨.୯ ରାଜ୍ୟ ସରକାର ତା ୦୭.୧୨.୨୦୧୦ରିଖର ଦୁଇଗୋଟି ନିର୍ଦ୍ଦେଶନାମା ବଳରେ ୨୦୦୧-୨୦୦୫ ନିଯୁକ୍ତି ବର୍ଷ ନିମନ୍ତେ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀ ପାଇଁ ଚୟନ ଓ ପଦୋନ୍ନତି ମାଧ୍ୟମରେ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଲେ ।

୨.୧୦ ଭାରତୀୟ ସମ୍ବିଧାନର ଧାରା-୩୦୯ ଅଧୀନରେ ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା (ନିଯୁକ୍ତି ପ୍ରକ୍ରିୟା ଓ ସେବା ସର୍ତ୍ତାବଳୀ) ନିୟମ , ୨୦୧୧ (ଓ.ଏ.ଏସ୍. ରୁଲ୍ସ, ୨୦୧୧) ପ୍ରସ୍ତୁତ କଲେ । ଏହି ନିୟମ ତା ୨୫.୦୬.୨୦୧୧ ରିଖ ଠାରୁ କାର୍ଯ୍ୟକାରୀ ହେଲା ।

ଓ.ଏ.ଏସ୍. ନିୟମାବଳୀ, ୨୦୧୧ ଅନ୍ତର୍ଭୁକ୍ତ ନିୟମ ୧୭, ଓ.ଏ.ଏସ୍. ଶ୍ରେଣୀ-୨ ନିୟମାବଳୀ ୧୯୭୮ ଯାହାବଳରେ ୨୦୦୮ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା, ତାହାକୁ ରଦ୍ଦ କଲା ।

ଓ.ଏ.ଏସ୍. ନିୟମାବଳୀ, ୨୦୧୧ ର ନିୟମ-୫ ସୂଚାଏ ଯେ ପୁନଃଗଠିତ ଓଡ଼ିଶା ପ୍ରଶାସନିକ ସେବା କ୍ୟାଡ଼ରର ଗ୍ରୁପ୍ 'କ' (କନିଷ୍ଠ ବିଭାଗ) ପଦବୀ ନିମନ୍ତେ ଓଡ଼ିଶା ରାଜସ୍ୱ ସେବାର ସଦସ୍ୟମାନଙ୍କୁ ପଦୋନ୍ନତି ମାଧ୍ୟମରେ ନିଯୁକ୍ତି ଦିଆଯିବ ।

ସମାନଭାବେ ଗ୍ରୁପ୍-ଖ ପଦବୀ ସମେତ ଓଡ଼ିଶା ରାଜସ୍ୱ ସେବାରେ ନିଯୁକ୍ତି ପାଇଥିବା ବ୍ୟକ୍ତିମାନଙ୍କ ନିଯୁକ୍ତି ପଦ୍ଧତି ଏବଂ ଚାକିରୀ ସତ୍ର୍ତାବଳୀକୁ ନିୟନ୍ତ୍ରିତ କରିବା ନିମନ୍ତେ ଓଡ଼ିଶା ରାଜସ୍ୱ ସେବା (ନିଯୁକ୍ତି) ନିୟମାବଳୀ, ୨୦୧୧ (ଓ.ଆର.ଏସ୍ ରୁଲ୍ସ ୨୦୧୧) ୨୭ ଜୁନ୍ ୨୦୧୧ ଠାରୁ କାର୍ଯ୍ୟକାରୀ ହେଲା ।

୨.୧୧ ୨୦୦୮ ନିଯୁକ୍ତି ବର୍ଷର ଶୂନ୍ୟ ପଦବୀ ନିମନ୍ତେ ବିଚାରକୁ ନିଆଯାଇଥିବା ପ୍ରତିବାଦୀ ଏବଂ ସମଶ୍ରେଣୀ ବ୍ୟକ୍ତିଙ୍କ ଦ୍ୱାରା ଦାୟର ହୋଇଥିବା ଓ.ଏ. ଗୁଡ଼ିକର ଫଇସଲା ଓ.ଏ.ଟି ତାଙ୍କର ତା. ୧୫.୦୩/୨୦୧୨ ରିଖର ରାୟ ମାଧ୍ୟମରେ କଲେ । ଓଡ଼ିଶା ରାଜସ୍ୱ ସେବା କ୍ୟାଡ଼ରର ଶ୍ରେଣୀ-୨/ଗ୍ରୁପ୍-'ଖ' ଶୂନ୍ୟ ପଦବୀ ପୂରଣ ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଗଲା । ଶୂନ୍ୟ ପଦବୀର ୫୦ ପ୍ରତିଶତ ପ୍ରତ୍ୟକ୍ଷ ନିଯୁକ୍ତି ବଳରେ ପୂରଣ ହେବ ଏବଂ ବାକି ୫୦ ପ୍ରତିଶତ ଶ୍ରେଣୀ-୩/ଗ୍ରୁପ୍ 'ଖ' କର୍ମଚାରୀଙ୍କ ମଧ୍ୟରୁ ପଦୋନ୍ନତି ମାଧ୍ୟମରେ ଯେତେ ଶୀଘ୍ର ସମ୍ଭବ, ପ୍ରାୟତଃ ୬ ମାସ ମଧ୍ୟରେ ପୂରଣ ହେବ । ନିୟମାବଳୀ ଅନୁଯାୟୀ ଶୂନ୍ୟପଦବୀର ୫୦ ପ୍ରତିଶତ ପୂରଣ ନହେବା ପର୍ଯ୍ୟନ୍ତ ପ୍ରତିବାଦୀ ଏବଂ ଅନ୍ୟ ସମଶ୍ରେଣୀ ବ୍ୟକ୍ତିଙ୍କ ଦାବିକୁ ମଞ୍ଜୁର କରାଯାଇପାରିବ ନାହିଁ । ପ୍ରତିବାଦୀମାନଙ୍କର ନାମକୁ ଓ.ଏ.ଏସ୍ ଶ୍ରେଣୀ-୨ (ଗ୍ରୁପ୍ - ଖ) ପଦବୀରେ ପଦୋନ୍ନତି ଏବଂ ଚୟନ ନିମନ୍ତେ ସେମାନଙ୍କ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା କେବଳ ସୁପାରିଶ କରାଯାଇଥିଲା । ଏଥି ନିମନ୍ତେ କୌଣସି ଚୟନ କମିଟି/ଡ଼ି.ପି.ସି ଡକାଯାଇ ନଥିଲା । କିମ୍ବା କୌଣସି ଚୟନ ତାଲିକା/ଯୋଗ୍ୟତା ତାଲିକା ପ୍ରସ୍ତୁତ ହୋଇନଥିଲା । ଯେଉଁ

ପ୍ରତିବାଦୀମାନେ ଶ୍ରେଣୀ-୩ ପଦବୀରେ କାର୍ଯ୍ୟ କରୁଥିଲେ, ସେମାନଙ୍କୁ କେବଳ ଶ୍ରେଣୀ-୨/ ଗ୍ରୁପ୍ 'ଖ' ପଦବୀ ନିମନ୍ତେ ପଦୋନ୍ନତି ଭିତ୍ତିରେ ବିଚାରକୁ ନିଆଯିବ, ଶ୍ରେଣୀ-୧ (ଗ୍ରୁପ୍-କ) ପଦବୀ ପାଇଁ ପ୍ରତ୍ୟକ୍ଷଭାବେ ବିଚାରକୁ ନିଆଯିବ ନାହିଁ ।

ପ୍ରତିବାଦୀମାନେ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀରେ ନିଯୁକ୍ତି ନିମନ୍ତେ ଚୟନ କମିଟି/ଡ଼ି.ପି.ସି ଆହ୍ୱାନ କରିବା ନିମନ୍ତେ କୌଣସି ଅଧିକାରପ୍ରାପ୍ତ ହୋଇନାହାନ୍ତି, ୫୦ ପ୍ରତିଶତ ଶୂନ୍ୟପଦବୀ ପ୍ରତ୍ୟକ୍ଷ ନିଯୁକ୍ତି ବଳରେ ପୂରଣ ହେବା ପରେ ପ୍ରତିବାଦୀମାନେ ପଦୋନ୍ନତି କୋଟାରେ ଖାଲିଥିବା ଶ୍ରେଣୀ-୨/ଗ୍ରୁପ୍ 'ଖ' ପଦବୀ ନିମନ୍ତେ ବିଚାରକୁ ନିଆଯିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

୨.୧୨ ଓ.ଏ.ଟିର ୧୪.୦୩.୨୦୧୨ର ମିଳିତ ରାୟ ଓ ଆଦେଶରେ ବ୍ୟଥିତ ହୋଇ ପ୍ରତିବାଦୀମାନେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଉପରୋକ୍ତ ୧୪.୦୩.୨୦୧୨ର ରାୟକୁ ରଦ୍ଦ କରବା ନିମନ୍ତେ ପ୍ରାର୍ଥନା କରି ପ୍ରତିବାଦୀମାନଙ୍କ ସପକ୍ଷରେ ହୋଇଥିବା ସୁପାରିଶ ଭିତ୍ତିରେ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀରେ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ, ଏବଂ ପ୍ରତିବାଦୀମାନଙ୍କୁ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀ ନିମନ୍ତେ, ଯେଉଁ ତାରିଖରୁ ସେମାନେ ସେବା ଓ ପଦୋନ୍ନତି ସମ୍ବନ୍ଧୀୟ ସୁବିଧା ପାଇବାକୁ ଯୋଗ୍ୟ, ସେ ସମସ୍ତ ସୁବିଧା ସହିତ ପଦୋନ୍ନତି ନିମନ୍ତେ ମଞ୍ଜୁର କରିବାକୁ ରିଟ୍ ପିଟିସନ୍ ଦାୟର କରିଥିଲେ ।

୨.୧୩ ପ୍ରତିବାଦୀମାନେ ଦାୟର କରିଥିବା ରିଟ୍ ପିଟିସନ୍ ଗୁଡ଼ିକୁ ଏକ ମିଳିତ ଖଣ୍ଡପୀଠ ଏହାର ୩୦.୦୫.୨୦୧୮ର ରାୟ ବଳରେ ଫଇସଲା କରିବାପୂର୍ବକ ଓ.ଏ.ଟିର ୧୪.୦୩.୨୦୧୨ର ରାୟକୁ ରଦ୍ଦ କଲେ ।

ପ୍ରତିବାଦୀ ଓ ଅନ୍ୟ ଯୋଗ୍ୟ ପ୍ରାର୍ଥୀଙ୍କ ପ୍ରାର୍ଥନାକୁ ବିଚାରକୁ ନେବା ନିମନ୍ତେ ଏକ ସମୀକ୍ଷାମୂଳକ ଡ଼ି.ପି.ସି. ଆହ୍ୱାନ କରି ଓ.ଏ.ଏସ୍. ଶ୍ରେଣୀ-୨ ପଦବୀରେ ୨୦୦୮ ନିଯୁକ୍ତି ବର୍ଷରେ ଶୂନ୍ୟ ଥିବା ୧୫୦ଟି ପଦବୀ ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ୩ ମାସ ମଧ୍ୟରେ ସଂପୂର୍ଣ୍ଣ କରିବାକୁ ରାଜ୍ୟ ପ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ । ଉଚ୍ଚ ନ୍ୟାୟାଳୟ ମତଦେଲେ ଯେ,

ଓ.ଏ.ଏସ୍. ଶ୍ରେଣୀ-୨ ପଦବୀ ଉଚ୍ଛେଦ ହେବା ପୂର୍ବରୁ ଏବଂ ଓଡ଼ିଶା ରାଜସ୍ୱ ସେବା କ୍ୟାଡ଼ର ପୁନଃଗଠିତ ହେବା ପୂର୍ବରୁ ଓ.ଏ.ଏସ୍. ଶ୍ରେଣୀ-୨ ପଦବୀରେ ଶୂନ୍ୟଥିବା ୧୫୦ଟି ପଦବୀ ନିମନ୍ତେ ୨୦୦୮ରେ ଯେଉଁ ସୁପାରିଶ କରାଯାଇଥିଲା ତାହା ଓ.ଏ.ଏସ୍. ଶ୍ରେଣୀ-୨ ନିୟମାବଳୀ, ୧୯୭୮ ଅନୁଯାୟୀ ପୂରଣ କରାଯାଉ ।

୩. ୩୦.୦୪.୨୦୧୮ର ରାୟ ଓ ଆଦେଶ ଏବଂ ମିଳିତ ଖଣ୍ଡପୀଠର ୦୮.୦୮.୨୦୧୮ ଏବଂ ୧୦.୦୮.୨୦୧୮ର ଆଦେଶରେ ବ୍ୟଥିତ ହୋଇ ରାଜ୍ୟ ସରକାର ଉପରୋକ୍ତ ସ୍ପେଶିଆଲ ଲିଭ୍ ପିଟିସନମାନ ଦାୟର କଲେ ।

୪. ଏହି ସିଭିଲ୍ ଅପିଲ୍‌ଗୁଡ଼ିକୁ ବିଚାରକୁ ନେବା ନିମନ୍ତେ ପ୍ରଶ୍ନଉଠୁଥିବା ବିଷୟବସ୍ତୁ ହେଲା ପ୍ରତିବାଦୀ ଓ ଅନ୍ୟ ଯୋଗ୍ୟ ପ୍ରାର୍ଥୀଙ୍କ ପ୍ରାର୍ଥନାକୁ ବିଚାରକୁ ନେବା ନିମନ୍ତେ ଏକ ସମୀକ୍ଷାମୂଳକ ଡ଼ି.ପି.ସି ଆହ୍ୱାନ କରିବାକୁ ଏବଂ ୨୦୦୮ ନିଯୁକ୍ତି ବର୍ଷରେ ୧୫୦ଟି ଶୂନ୍ୟପଦବୀ ପୂରଣ ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ କରିବାକୁ ରାଜ୍ୟସରକାରଙ୍କୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ଯୁକ୍ତିଯୁକ୍ତ କି ?

୫. ଆବେଦନକାରୀଙ୍କ ଉପସ୍ଥାପନା

୫.୧ ରାଜ୍ୟ ସରକାରଙ୍କ ତରଫରୁ ଶ୍ରୀ ରବି ପ୍ରକାଶ ମେହ୍‌ରୋତ୍ରା, ଅଧିବକ୍ତା ଉପସ୍ଥାପନା କରି କହିଲେ ଯେ ମିଳିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ଏକ ସମୀକ୍ଷାମୂଳକ ଡ଼ି.ପି.ସି. ଆହ୍ୱାନ କରିବାକୁ ନିର୍ଦ୍ଦେଶ ଦେଇ ଏକ ସ୍ପଷ୍ଟ ତ୍ରୁଟି କରିଛନ୍ତି ।

୫.୨ 'ଭାରତ ସରକାର ଏବଂ ଓଗେର ବନାମ କୃଷ୍ଣ କୁମାର ଏବଂ ଓଗେର ମାମଲାରେ ଏହି ନ୍ୟାୟାଳୟ ପ୍ରଦାନ କରିଥିବା ଏକ ସାମ୍ପ୍ରତିକ ନିଷ୍ପତ୍ତିକୁ ଭିତି କରି ଏହା ଉପସ୍ଥାପନା କରାଗଲା ଯେ - ପ୍ରତିବାଦୀଙ୍କ ନାମ ୨୦୦୮ ନିଯୁକ୍ତି ବର୍ଷରେ ଥିବା ଶୂନ୍ୟପଦବୀରେ ଚୟନ/ପଦୋନ୍ନତି ମାଧ୍ୟମରେ ପୂରଣ କରିବାକୁ ବିବେଚିତ କରିବା ନିମନ୍ତେ ନିର୍ଦ୍ଦିଷ୍ଟ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କେବଳ ସୁପାରିଶ ହୋଇଥିବା ହେତୁ ପ୍ରତିବାଦୀମାନେ କୌଣସି ଅଧିକାର ପାଇଁ ଯୋଗ୍ୟ ନୁହନ୍ତି । ସୁପାରିଶ କରାଯାଇଥିବା

ବ୍ୟକ୍ତିଙ୍କ ତାଲିକାକୁ ଚୟନ/ପଦୋନ୍ନତି ନିମନ୍ତେ ଚୁଡ଼ାନ୍ତ ତାଲିକା ରୂପେ ବିବେଚିତ କରାଯାଇପାରିବନାହିଁ କାରଣ ଏଥି ନିମନ୍ତେ କୌଣସି ଡ଼ି.ପି.ସି. କିମ୍ବା ଚୟନ କମିଟି ଆହ୍ୱାନ ହୋଇନାହିଁ ।

୫.୩ ଏହା ମଧ୍ୟ ଉପସ୍ଥାପନା କରାଗଲା ଯେ ପ୍ରତିବାଦୀମାନେ ଓ.ଏ.ଏସ୍ ଶ୍ରେଣୀ-୨ କ୍ୟାଡ଼ରର ଉଚ୍ଛେଦ ଏବଂ ତତ୍ପରବର୍ତୀ ଓଡ଼ିଶା ରାଜସ୍ୱ ସେବା ଗ୍ରୁପ୍ 'ଖ' କ୍ୟାଡ଼ର ସୃଷ୍ଟିକୁ ବିରୋଧ କରିନାହାନ୍ତି ।

୫.୪ ପ୍ରତିବାଦୀମାନେ ଓ.ଏ.ଏସ୍ ଶ୍ରେଣୀ-୨ କ୍ୟାଡ଼ର ଉପରେ କୌଣସି ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ ଯାହାକି ୨୦୦୯ରୁ ଉଚ୍ଛେଦ ହୋଇସାରିଛି ଏବଂ ଓଡ଼ିଶା ରାଜସ୍ୱ ସେବା ଶ୍ରେଣୀ 'ଖ' କ୍ୟାଡ଼ର୍ ରୂପେ ପୁନର୍ଗଠିତ ହୋଇ ସାରିଛି ।

୫.୫ ନୂତନ ଓ.ଆର୍.ଏସ୍ ନିୟମାବଳୀ, ୨୦୧୧ ଅନୁଯାୟୀ ୨୦୧୩ ଏବଂ ୨୦୧୮ରେ ଆହୂତ ହୋଇଥିବା ଚୟନ କମିଟି ସମ୍ମୁଖରେ କେତେକ ପ୍ରତିବାଦୀ ଓଡ଼ିଶା ରାଜସ୍ୱ ସେବା ଗ୍ରୁପ୍ 'ଖ' କ୍ୟାଡ଼ରରେ ଥିବା ଶୂନ୍ୟପଦବୀ ନିମନ୍ତେ ନିଯୁକ୍ତି ପାଇଁ ହାଜର ହୋଇଥିଲେ ।

ତେଣୁ ରଦ୍ଦ ହୋଇଥିବା ନିୟମାବଳୀ ଅଧିନରେ ଏକ ଉଚ୍ଛେଦ କ୍ୟାଡ଼ରରେ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀ ନିମନ୍ତେ ନିଯୁକ୍ତି ଦାବୀ ଗ୍ରହଣୀୟ ନୁହେଁ ।

୫.୬ ପ୍ରତିବାଦୀମାନଙ୍କର ଦାବୀକୁ ୨୦୦୧ ରୁ ୨୦୦୫ ବର୍ଷ ମଧ୍ୟରେ ନିଯୁକ୍ତି ପାଇଥିବା ପ୍ରାର୍ଥୀମାନଙ୍କ ସହ ସମାନ ଭାବରେ ବିବେଚନା କରାଯାଇପାରିବ ନାହିଁ, କାରଣ ଓ.ଏ.ଏସ୍ ଶ୍ରେଣୀ-୨ ନିୟମାବଳୀ, ୧୯୭୮ ଏବଂ ଓ.ଏ.ଏସ୍ ଶ୍ରେଣୀ-୨ ଅଧିନିୟମାବଳୀ ୧୯୭୮ ରଦ୍ଦ ହେବାପୂର୍ବରୁ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା ।

୫.୭ ରାଜ୍ୟ ସରକାରଙ୍କ ତରଫରୁ ପୁନଶ୍ଚ ଏହା ଉପସ୍ଥାପନା କରାଗଲା ଯେ ଯଦି ମିଳିତ ଖଣ୍ଡପୀଠର ନିର୍ଦ୍ଦେଶକୁ କର୍ଯ୍ୟକାରୀ କରାଯାଏ, ତେବେ ପ୍ରତିବାଦୀମାନଙ୍କୁ ସୁବିଧା ଯୋଗାଇବାପାଇଁ, ପ୍ରୟୋଜନାତିରିକ୍ତ ପଦବୀ ସୃଷ୍ଟି କରିବାକୁ ପଡ଼ିବ, ଯାହାକି ସମ୍ଭବ

ନୁହେଁ । ଏହା ଏକ ଗୁରୁତର ଦୃଷ୍ଟାନ୍ତ ସୃଷ୍ଟିକରିବ ଯେହେତୁ ପ୍ରତିବାଦୀମାନଙ୍କ ସମ ସ୍ଥିତିରେ ଥାଇ ୫୫୯ ଜଣ ପ୍ରାର୍ଥୀଙ୍କର ସୁପାରିଶ ବିଭିନ୍ନ ବିଭାଗ ଦ୍ୱାରା ୨୦୦୮ରେ କରାଯାଇଥିଲା ।

୬. ପ୍ରତିବାଦୀଙ୍କ ଉପସ୍ଥାପନା :

୬.୧ କୁମାରୀ ମୀନାକ୍ଷୀ ଆରୋରା, ବରିଷ୍ଠ ଅଧିବକ୍ତା, ଉପସ୍ଥାପନା କଲେ ଯେ ୨୦୦୮ ବର୍ଷରେ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀ ନିମନ୍ତେ ୧୫୦ ଟି ପଦବୀ ଶୂନ୍ୟ ଥିଲା । ଓ.ଏ.ଏସ୍ ଶ୍ରେଣୀ-୨ ନିୟମାବଳୀ ୧୯୭୮ ଏବଂ ଓ.ଏ.ଏସ୍ ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ ଅଧୀନରେ ଚୟନ ଏବଂ ପଦୋନ୍ନତି ମାଧ୍ୟମରେ ନିଯୁକ୍ତି ପାଇବା ନିମନ୍ତେ ପ୍ରତିବାଦୀ ମାନେ ଯୋଗ୍ୟ ବିବେଚିତ ଥିଲେ ଏବଂ ସେମାନଙ୍କ ନାମକୁ ସୁପାରିଶ କରାଯାଇଥିଲା ।

୬.୨ ରାଜ୍ୟ ସରକାର ଏକ ଆଦର୍ଶ ନିଯୁକ୍ତିଦାତା ହୋଇଥିବା ହେତୁ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀରେ ଚୟନ/ପଦୋନ୍ନତି କ୍ଷେତ୍ରରେ ଗୋଟାଇବା ଏବଂ ବାଛିବା ଭିତ୍ତିରେ ପ୍ରଭେଦ କରିପାରିବେ ନାହିଁ ।

୬.୩ ନିଶ୍ଚିତ ଭାବେ ଏହା କୁହାଯାଇପାରେ ଯେ ଯେତେବେଳେ ରାଜ୍ୟ ସରକାର ୨୮.୦୫.୨୦୦୮ରେ ୧୫୦ ଗୋଟି ଓ.ଏ.ଏସ୍ ଶ୍ରେଣୀ-୨ ପଦବୀ ପୂରଣ କରିବାକୁ ନିଷ୍ପତ୍ତି ନେଲେ ସେତେବେଳେ ଓ.ଏ.ଏସ୍ ଶ୍ରେଣୀ-୨ ନିୟମାବଳୀ ୧୯୭୮ ଏବଂ ଓ.ଏ.ଏସ୍ ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ ବଳବତ୍ତର ଥିଲା । ଶୂନ୍ୟପଦବୀ ଗୁଡ଼ିକ ଓ.ଏ.ଏସ୍ ଶ୍ରେଣୀ-୨ ନିୟମାବଳୀ, ୧୯୭୮ ଅନୁଯାୟୀ ପୂରଣ ହେବାର ଆବଶ୍ୟକତା ଥିଲା ।

୬.୪ କୁମାରୀ ଆରୋରା, ବରିଷ୍ଠ ଅଧିବକ୍ତାଙ୍କ ତରଫରୁ ଡ୍ଟାଇ.ଭି. ରଙ୍ଗାୟା ଏବଂ ଓଗେର ବନାମ ଜେ. ଶ୍ରୀନିବାସ ରାଓ ଏବଂ ଓଗେର ମାମଲାରେ ଏହି ନ୍ୟାୟାଳୟ ଦେଇଥିବା ନିଷ୍ପତ୍ତି ଉପରେ ଆସ୍ଥାପ୍ରକଟ କରାଗଲା । ଏହା ଉପସ୍ଥାପନା କରାଗଲା ଯେ ଓ.ଏ.ଏସ୍ ଶ୍ରେଣୀ-୨ ନିୟମାବଳୀ ୧୯୭୮ ଏବଂ ଓ.ଏ.ଏସ୍ ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ ରଦ୍ଦ ହେବା ପୂର୍ବରୁ ଯେଉଁ ଶୂନ୍ୟ ପଦବୀ ଗୁଡ଼ିକ ସୃଷ୍ଟି ହୋଇଥିଲା ଏବଂ

ଓ.ଏ.ଏସ୍. ନିୟମାବଳୀ ୨୦୧୧ ଓ ଓ.ଆର୍.ଏସ୍. ନିୟମାବଳୀ ୨୦୧୧ର କାର୍ଯ୍ୟକାରିତା ପୂର୍ବରୁ ଏହା ନିୟମାବଳୀ ଯଥା ଓ.ଏ.ଏସ୍ ଶ୍ରେଣୀ-୨ ନିୟମାବଳୀ, ୧୯୭୮ ଏବଂ ଓ.ଏ.ଏସ୍ ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ ଦ୍ୱାରା ପରିଚାଳିତ ହେବ ।

୬. ଆଲୋଚନା ଏବଂ ବିଶ୍ଳେଷଣ :

୬.୧ ପ୍ରତିବାଦୀମାନଙ୍କର ନାମକୁ ନିର୍ଦ୍ଦିଷ୍ଟ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା, କେବଳ ସୁପାରିଶ କରାଯାଇଥିବା ଭିତ୍ତିରେ ସେମାନେ ୨୦୦୮ ବର୍ଷ ନିମନ୍ତେ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀରେ ଚୟନ କିମ୍ବା ପଦୋନ୍ନତି ପାଇଁ ନ୍ୟାଯ୍ୟ ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ ।

୬.୨ ୨୮ ଏପ୍ରିଲ୍ , ୨୦୦୮ର ଚିଠି ମାଧ୍ୟମରେ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୦୮ ବର୍ଷ ନିମନ୍ତେ ଯେତେବେଳେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଗଲା, ସେତେବେଳେ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀରେ ଚୟନ ଏବଂ ପଦୋନ୍ନତି ପାଇଁ ଓ.ଏ.ଏସ୍ ଶ୍ରେଣୀ-୨ ନିୟମାବଳୀ, ୧୯୭୮ ଏବଂ ଓ.ଏ.ଏସ୍ ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ ପ୍ରଚଳିତ ଥିଲା ।

୬.୩ ଓ.ଏ.ଏସ୍ ଶ୍ରେଣୀ-୨ ନିୟମାବଳୀର ନିୟମ ୬ରେ ରାଜ୍ୟ ସରକାରଙ୍କ ଦ୍ୱାରା , ଶୂନ୍ୟ ପଦବୀ ନିର୍ଦ୍ଧାରଣ କରିବା ବ୍ୟବସ୍ଥା ହୋଇଅଛି ।

ପ୍ରାସଙ୍ଗିକ ଆବଶ୍ୟକତା ନିମନ୍ତେ ଉପରୋକ୍ତ ନିୟମ ୬କୁ ନିମ୍ନମତେ ଉଲ୍ଲିଖିତ କରାଗଲା :

୬- ଶୂନ୍ୟ ପଦବୀ ପୂରଣ -

କୌଣସି ନିର୍ଦ୍ଦିଷ୍ଟ ବର୍ଷ ନିମନ୍ତେ ପୂରଣ ହେବାକୁ ଆବଶ୍ୟକ ହୋଉଥିବା ଶୂନ୍ୟ ପଦବୀର ସଂଖ୍ୟା ରାଜ୍ୟ ସରକାର ନିର୍ଦ୍ଧାରଣ କରିପାରନ୍ତି ।

ପରନ୍ତୁ, <u>କମିଶନ ସହିତ ପ୍ରାକ୍ ବିଚାର ବିମର୍ଶ ବିନା କୌଣସି ସେବାରେ ନିଯୁକ୍ତି ଦିଆଯିବନାହିଁ ।'</u>

(ଗୁରୁତ୍ୱ ପ୍ରଦତ୍ତ)

୭.୫ ଓ.ଏ.ଏସ୍ ଶ୍ରେଣୀ-୨ ନିୟମାବଳୀ, ୧୯୭୮ର ନିୟମ ୩ ଏହା ଦର୍ଶାଏ ଯେ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀ ନିମନ୍ତେ ନିଯୁକ୍ତି ତିନୋଟି ପଦ୍ଧତିରେ କରାଯିବ : ପ୍ରଥମତଃ ପ୍ରତିଯୋଗିତା ମୂଳକ ପରୀକ୍ଷା ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି (ନିୟମ-୩(କ)), ଦ୍ୱିତୀୟତଃ, କୌଣସି ନିର୍ଦ୍ଦିଷ୍ଟ ବିଭାଗର ଗେଜେଟେଡ୍ ଅଧିକାରୀଙ୍କ ମଧ୍ୟରୁ ପଦୋନ୍ନତି ମାଧ୍ୟମରେ ନିଯୁକ୍ତି (ନିୟମ-୩(ଖ)) ଏବଂ ତୃତୀୟତଃ, ଅଣଗେଜେଟେଡ୍ ଅଧିକାରୀମାନଙ୍କ ମଧ୍ୟରୁ ଚୟନ ମାଧ୍ୟମରେ ନିଯୁକ୍ତି (ନିୟମ-୩(ଗ)) ।

ଓ.ଏ.ଏସ୍ ଶ୍ରେଣୀ-୨ ନିୟମାବଳୀ, ୧୯୭୮ର ନିୟମ ୮ ଅନୁଯାୟୀ ଉପରୋକ୍ତ ପଦ୍ଧତି ମାଧ୍ୟମରେ ନିଯୁକ୍ତି ପାଇବା ପ୍ରାର୍ଥୀଙ୍କ ଅନୁପାତ ହେଲା - ପ୍ରତ୍ୟକ୍ଷ ନିଯୁକ୍ତି ବଳରେ ୫୦ ପ୍ରତିଶତ, ପଦୋନ୍ନତି ମାଧ୍ୟମରେ ୩୦ ପ୍ରତିଶତ ଏବଂ ଚୟନ ମାଧ୍ୟମରେ ୨୦ ପ୍ରତିଶତ

ପୁନଶ୍ଚ, ନିୟମ ୮(୫) ଅନୁଯାୟୀ ପଦୋନ୍ନତି ଏବଂ ଚୟନ ମାଧ୍ୟମରେ ନିଯୁକ୍ତି ଦେବା ପୂର୍ବରୁ ରାଜ୍ୟ ସରକାର ଓଡ଼ିଶା ଲୋକ ସେବା ଆୟୋଗଙ୍କ ସହିତ ବିଚାରବିମର୍ଶ କରିବା ଆବଶ୍ୟକ ।

୭.୫ ଓ.ଏ.ଏସ୍ ଶ୍ରେଣୀ-୨ ନିୟମାବଳୀ, ୧୯୭୮ର ନିୟମ ୫ ଅନୁଯାୟୀ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀ ନିମନ୍ତେ ଚୟନ କିମ୍ବା ପଦୋନ୍ନତି ମାଧ୍ୟମରେ ନିଯୁକ୍ତି ଓଡ଼ିଶା ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ ଅନୁସାରେ ହେବ, ଯେଉଁଥିରେ ନିଯୁକ୍ତି ପ୍ରକ୍ରିୟାର ରୂପରେଖ ପ୍ରସ୍ତୁତ ହୋଇଛି ।

୭.୬ ଓ.ଏ.ଏସ୍ ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ର ବିନିୟମ ୬(୫) ଅନୁସାରେ ଚୟନ କିମ୍ବା ପଦୋନ୍ନତି ମାଧ୍ୟମରେ କୌଣସି ନିଯୁକ୍ତି ପ୍ରକ୍ରିୟା ଜିଲ୍ଲାପାଳ, ବିଭାଗୀୟ ମୁଖ୍ୟ ଏବଂ ସରକାରୀ ବିଭାଗ ଗୁଡ଼ିକ ଦ୍ୱାରା ସୁପାରିଶ ଆହ୍ୱାନ କରାଯାଇ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯିବ, ଯେଉଁମାନେ ପ୍ରଶାସନିକ ବିଭାଗ (ଅର୍ଥାତ୍ ରାଜସ୍ୱ ବିଭାଗ) ନିମନ୍ତେ ଉପଯୁକ୍ତ ପ୍ରାର୍ଥୀଙ୍କ ଏକ ତାଲିକାକୁ ପ୍ରେରଣ କରିବେ ।

ସୁପାରିଶ ପ୍ରାପ୍ତି ହେବାପରେ ପ୍ରଶାସନିକ ବିଭାଗ (ଅର୍ଥାତ୍ ରାଜସ୍ୱ ବିଭାଗ) ସୁପାରିଶ କରାଯାଇଥିବା ପ୍ରାର୍ଥୀଙ୍କ ତାଲିକାକୁ ଏକ ସାରଣୀ ଆକାରରେ ବିନିୟମ ୩ ଅନୁସାରେ ଗଠିତ ଚୟନ ମଣ୍ଡଳୀ ସମ୍ମୁଖରେ ଉପସ୍ଥାପନ କରିବେ ।

୭.୭ ବିନିୟମ ୭ ଅନୁସାରେ, ଚୟନ ମଣ୍ଡଳୀ ପ୍ରଶାସନିକ ବିଭାଗ ତରଫରୁ ପାଇଥିବା ସୁପାରିଶକୁ ବଚାରକୁ ନେବେ, ସୁପାରିଶ କରାଯାଇଥିବା ପ୍ରାର୍ଥୀଙ୍କ ନଥିପତ୍ରକୁ ଯାଂଚ କରିବେ ଏବଂ ଚୟନ ମଣ୍ଡଳୀଙ୍କ ମତାନୁସାରେ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀରେ ନିଯୁକ୍ତି ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କ ଏକ ତାଲିକା ପ୍ରସ୍ତୁତ କରିବେ ।

୭.୮ ଏହାପରେ, ନିୟମ ୮ ଅନୁସାରେ, ଚୟନ ମଣ୍ଡଳୀ ଦ୍ୱାରା ବିନିୟମ ୭ ଭିତ୍ତିରେ ପ୍ରସ୍ତୁତ ହୋଇଥିବା ତାଲିକାକୁ ରାଜ୍ୟ ସରକାରଙ୍କ ମାଧ୍ୟମରେ ତାଲିକାରେ ସ୍ଥାନ ପାଇଥିବା ସମସ୍ତ ପ୍ରାର୍ଥୀଙ୍କ ସେବା ସମ୍ବନ୍ଧୀୟ ନଥିପତ୍ର ସହ ଓଡ଼ିଶା ଲୋକ ସେବା ଆୟୋଗଙ୍କୁ ପ୍ରେରଣ କରିବେ ।

୭.୯ ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତ ବିନିୟମ ୭ ଅନୁସାରେ ପ୍ରସ୍ତୁତ ତାଲିକା ସହିତ ଅନ୍ୟାନ୍ୟ ନଥିପତ୍ରକୁ ଅନୁଧ୍ୟାନ କରିବା ପରେ, ଓଡ଼ିଶା ଲୋକ ସେବା ଆୟୋଗ ବିନିୟମ ୯ ଅନୁସାରେ ଚୟନ କିମ୍ବା ପଦୋନ୍ନତି, ନିମନ୍ତେ ଯାହା ଉପଯୁକ୍ତ ବିବେଚିତ ହେଉଥିବ, ଯୋଗ୍ୟ ପ୍ରାର୍ଥୀଙ୍କ ଏକ ତାଲିକା ସୁପାରିଶ କରିବେ ।

୭.୧୦ ବିନିୟମ ୯ ଅନୁସାରେ ରାଜ୍ୟ ଲୋକ ସେବା ଆୟୋଗ ଦ୍ୱାରା ସୁପାରିଶ କରାଯାଇଥିବା ପ୍ରାର୍ଥୀଙ୍କ ତାଲିକାକୁ ରାଜ୍ୟ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ । କୌଣସି ସଂଶୋଧନ ସହିତ ଅନୁମୋଦନ ପରେ, ଉକ୍ତ ତାଲିକା ହିଁ ଚୂଡ଼ାନ୍ତ ତାଲିକାର ରୂପ ନେବ, ଯେଉଁଥିରୁ ବିନିୟମ ୧୦ ଅନୁସାରେ ଚୟନ କିମ୍ବା ପଦୋନ୍ନତି ଭିତ୍ତିରେ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀ ନିମନ୍ତେ ନିଯୁକ୍ତି ଦିଆଯିବ ।

ତେଣୁ ବିନିୟମ ୬ ଅନୁସାରେ ଆରମ୍ଭ ହୋଇଥିବା ଚୟନ କିମ୍ବା ପଦୋନ୍ନତି, ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟା, ବିନିୟମ ୧୦ ଅନୁଯାୟୀ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତିରେ ଅନ୍ତିମ ରୂପ ନେବ ।

ଆୟୋଗ ଦ୍ୱାରା ପ୍ରସ୍ତୁତ ଓ ରାଜ୍ୟସରକାରଙ୍କ ନିକଟରେ ଉପସ୍ଥାପିତ ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କ ନାମ ମଧ୍ୟରୁ ହିଁ ପଦୋନ୍ନତି କିମ୍ବା ଚୟନ ମାଧ୍ୟମରେ ନିଯୁକ୍ତି ଦିଆଯାଇପାରିବ ।

୭.୧୧ ଦୀପକ ଅଗ୍ରୱାଲ ଏବଂ ଅନ୍ୟ ବନାମ ଉତ୍ତର ପ୍ରଦେଶ ସରକାର ଏବଂ ଓଗେର ମାମଲାରେ ଏହି ନ୍ୟାୟାଳୟ ମତ ପ୍ରଦାନ କରିଥିଲେ ଯେ ଯୋଗ୍ୟ ପ୍ରାର୍ଥୀଙ୍କୁ ବିଚାରକୁ ନିଆଯିବା ଦିନରୁ ସେମାନଙ୍କର ପଦୋନ୍ନତି ନିମନ୍ତେ ଅଧିକାରକୁ ଗଣନା କରାଯିବ ।

ଏହି ନିଷ୍ପତ୍ତିର ଆବଶ୍ୟକୀୟ ଉଦ୍ଧୃତାଂଶ ପ୍ରାସଙ୍ଗିକ ଉଲ୍ଲେଖ ନିମନ୍ତେ ନିମ୍ନମତେ ପ୍ରଦାନ କରାଗଲା ।

> ‘୨୬. ବର୍ତ୍ତମାନ ଆଇନର ଏହା ଏକ ସ୍ଥିରୀକୃତ ଆଧାର ଯେ ପ୍ରଚଳିତ ନିୟମାନୁସାରେ ପ୍ରାର୍ଥୀଙ୍କୁ ବିଚାରକୁ ନିଆଯିବାର ଅଧିକାର ଅଛି ଅର୍ଥାତ୍ ବିଚାରକୁ ନିଆଯିବା ସମୟରେ ପ୍ରଚଳିତ ନିୟମକୁ ଏହା ସୂଚୀତ କରେ । ଏପରି କୌଣସି ସାର୍ବଜନୀନ କିମ୍ବା ଐକାନ୍ତିକ ପ୍ରୟୋଗାତ୍ମକ ନିୟମ ନାହିଁ ଯେ ଯେଉଁ ଦିନ ଠାରୁ ଶୂନ୍ୟ ପଦବୀ ସୃଷ୍ଟି ହେବ ସେହି ସମୟରେ ପ୍ରଚଳିତ ଆଇନ୍ ଅନୁସାରେ ତାହା ଅପରିବର୍ତ୍ତନୀୟ ଭାବେ ପୂରଣ ହେବ । ପୁରୁଣା ନିୟମ ଅଧୀନରେ ଥିବା ପୁରାତନ ଶୂନ୍ୟପଦବୀ ପୂରଣ କରିବା ଆବଶ୍ୟକତା ପ୍ରଦୋନ୍ନତି ନିମନ୍ତେ ବିଚାରଭୁକ୍ତ ପ୍ରାର୍ଥୀଙ୍କ ଅଧିକାର ସହିତ ସଂଯୁକ୍ତ । ଯୋଗ୍ୟ ପ୍ରାର୍ଥୀଙ୍କୁ ବିଚାରକୁ ନିଆଯାଇଥିବା ଦିନଠାରୁ ସେମାନଙ୍କର ପଦୋନ୍ନତି ନିମନ୍ତେ ଅଧିକାରକୁ ଗଣନା କରାଯିବ । ଯେ ପର୍ଯ୍ୟନ୍ତ ପ୍ରଯୋଜ୍ୟ ନିୟମ, ଯେଉଁଥିରେ ଡ୍ୱାଇ. ଭି. ରଙ୍ଗାୟା ମାମଲା ((୧୯୮୩)୩ ଏସ୍.ସି.ସି. ୨୮୫: ୧୯୮୩ଏସ୍.ସି.ସି. (ଏଲ୍.ଆଣ୍ଡ ଏସ୍.) ୩୮୨)ରେ, କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା

ଧାର୍ଯ୍ୟ ହୋଇନଥିବ, ସେହି ସମୟ ସୀମା ମଧ୍ୟରେ ନିଯୁକ୍ତି ପ୍ରକ୍ରିୟାକୁ ସଂପୂର୍ଣ୍ଣ କରିବାକୁ ହେବ । ଉପସ୍ଥିତ ମାମଲାରେ ସଂଶୋଧନ କାର୍ଯ୍ୟକାରୀ ହେବାପରେ ପଦୋନ୍ନତି ନିମନ୍ତେ ବିଚାରକୁ ନିଆଗଲା । ତେଣୁ ଏହା ଗ୍ରହଣ କରାଯାଇନପାରେ ଯେ ସଂଶୋଧନ ଦ୍ୱାରା ଅପିଲକାରୀଙ୍କର ଉଦ୍ଭୁତ କିମ୍ବା ନ୍ୟାଯ୍ୟ ଅଧିକାର କ୍ଷୁର୍ଣ୍ଣ ହୋଇଛି ।

(ଗୁରୁତ୍ୱ ପ୍ରଦତ୍ତ)

୭.୧୨. ଉପସ୍ଥିତ ମାମଲାରେ ପ୍ରତିବାଦୀଙ୍କ ସହିତ ୫୫୯ ଜଣ ପ୍ରାର୍ଥୀଙ୍କ ନାମକୁ ଅଧିନିୟମ ୬ ଅନୁସାରେ ସେମାନଙ୍କର ନିର୍ଦ୍ଦିଷ୍ଟ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କେବଳ ସୁପାରିଶ କରାଯାଇଥିଲା । ଅଧିନିୟମାବଳୀ ୭,୮,୯ ଏବଂ ୧୦ ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟାରେ କୌଣସି ଅଗ୍ରଗତି ହୋଇନଥିଲା । ୨୦୦୮ର ଶୂନ୍ୟ ପଦବୀରେ ନିଯୁକ୍ତି ଉଦ୍ଦେଶ୍ୟରେ ଚୟନ ହୋଇଥିବା ପ୍ରାର୍ଥୀଙ୍କ ଚୂଡ଼ାନ୍ତ ତାଲିକା ଓଡ଼ିଶା ଲୋକ ସେବା ଆୟୋଗ ଦ୍ୱାରା ରାଜ୍ୟ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ ହୋଇନଥିଲା ।

ଅତଏବ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରତିବାଦୀମାନେ ଯେଉଁମାନେ ସେମାନଙ୍କର ନିର୍ଦ୍ଦିଷ୍ଟ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କେବଳ ସୁପାରିଶ ହୋଇଥିଲେ, ଅତୀତର ଓ.ଏ.ଏସ୍ ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ ଅନୁସାରେ ପଦୋନ୍ନତି କିମ୍ବା ଚୟନ ଭିତିରେ ନିଯୁକ୍ତି ନିମନ୍ତେ ଯୋଗ୍ୟ ବିବେଚିତ ହୋଇପାରେବେ ନାହିଁ, ଯେହେତୁ ନିମ୍ନମତେ ପ୍ରଦତ୍ତ ଅଧିନିୟମାବଳୀ ଗୁଡ଼ିକରେ ନିର୍ଦ୍ଧାରିତ ହୋଇଥିବା ପଦକ୍ଷେପ ଗୁଡ଼ିକ ପୁରାତନ ଓ.ଏ.ଏସ୍ ଶ୍ରେଣୀ-୨ ନିୟମ, ୧୯୭୮ ଏବଂ ଓ.ଏ.ଏସ୍ ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ ରଦ୍ଦ ହେବା ପୂର୍ବରୁ ପୂରଣ ହୋଇନଥିଲା ।

ଅଧିନିୟମ – ୬ : ଚୟନ ମଣ୍ଡଳୀ ଦ୍ୱାରା ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତି ।

ଅଧିନିୟମ – ୮ : ଓଡ଼ିଶା ଲୋକସେବା ଆୟୋଗ ସହିତ ବିଚାର ବିମର୍ଷ ।

ଅଧିନିୟମ – ୯ : ଓଡ଼ିଶା ଲୋକସେବା ଆୟୋଗର ସୁପାରିଶ

ଏବଂ

ଅଧିନିୟମ – ୧୦ : ନିଯୁକ୍ତି ନିମନ୍ତେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି ଏବଂ ରାଜ୍ୟ ସରକାରଙ୍କ ସମ୍ମୁଖରେ ଉପସ୍ଥାପନା ।

ତେଣୁ ପ୍ରତିବାଦୀମାନେ ଓ.ଏ.ଏସ୍ ଶ୍ରେଣୀ-୨ ନିୟମ, ୧୯୭୮ ଏବଂ ଓ.ଏ.ଏସ୍ ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ ଅନୁସାରେ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀରେ ଚୟନ କିମ୍ବା ନିଯୁକ୍ତି ନିମନ୍ତେ କୌଣସି ଉଦ୍‌ଭୁତ କିମ୍ବା ନ୍ୟାଯ୍ୟ ଅଧିକାର ପ୍ରାପ୍ତ ହୋଇ ନଥିଲେ, ଯେହେତୁ ସେମାନଙ୍କର ନାମକୁ ଚୟନ କିମ୍ବା ପଦୋନ୍ନତି ନିମନ୍ତେ ଅଧିନିୟମ -୬ରେ ନିର୍ଦ୍ଧାରିତ ପଦକ୍ଷେପ ପରେ ବିଚାରକୁ ନିଆଯାଇନଥିଲା ।

୭.୧୩ ପ୍ରତିବାଦୀଙ୍କ ଅଧିବକ୍ତାଙ୍କ ଦ୍ୱାରା ଡ୍ରାଇ.ଭି. ରଙ୍ଗାୟା ଏବଂ ଓଗେର୍ ବନାମ ଜେ. ଶ୍ରୀନିବାସ ରାଓ ଏବଂ ଓଗେର୍ ମାମଲାରେ ଆସ୍ଥାପ୍ରକଟ କରି ଯେଉଁ ଉପସ୍ଥାପନା କରାଯାଇଥିଲା ଯେ ପୁରାତନ ନିୟମ ଅଧିନରେ ସୃଷ୍ଟି ହୋଇଥିବା ଶୂନ୍ୟପଦବୀଗୁଡ଼ିକ ପୁରାତନ ନିୟମ ଦ୍ୱାରା ପରିଚାଳିତ ହେବ ତାହା କୌଣସି ପ୍ରକାରେ ସହାୟକ ନୁହେଁ ।

ଏଭଳି ସମପ୍ରକାର ଉପସ୍ଥାପନା ଏହି ନ୍ୟାୟାଳୟ ଦ୍ୱାରା ଦୀପକ ଅଗ୍ରୱାଲ ଓ ଅନ୍ୟ ବନାମ ଉତର ପ୍ରଦେଶ ସରକାର ଏବଂ ଓଗେର୍ ମାମଲାରେ ରଦ୍ଦ ହୋଇଥିଲା । ଉକ୍ତ ନିଷ୍ପତ୍ତିର ଆବଶ୍ୟକୀୟ ଉଦ୍ଧୃତାଂଶ ନିମ୍ନମତେ ପୁନଃ ଉପସ୍ଥାପିତ କରାଗଲା ।

> '୨୫. ଆମ ସିଦ୍ଧାନ୍ତପୂର୍ଣ୍ଣ ମତାନୁସାରେ ଉପସ୍ଥିତ ମାମଲାର ତଥ୍ୟ ଓ ସ୍ଥିତିକୁ ବିଚାରକୁ ନେଲେ ଡ୍ରାଇ.ଭି. ରଙ୍ଗାୟା ମାମଲା ((୧୯୮୩)୩ ଏସ୍. ସି. ସି. ୨୮୫: ୧୯୮୩ ଏସ୍. ସି. ସି. (ଏଲ୍. ଆଣ୍ଡ ଏସ୍.) ୩୮୨) ଏଥି ନିମନ୍ତେ ପ୍ରଯୁଯ୍ୟ ହେବ ନାହିଁ । ଉପରୋକ୍ତ ରାୟ ଆନ୍ଧ୍ର ପ୍ରଦେଶ ରେଜିଷ୍ଟ୍ରିକରଣ ଓ ଅଧସ୍ତନ ସେବା, ୧୯୭୬ର ନିୟମ (କ)(୧)(ଝ)ର ବ୍ୟାଖ୍ୟା ପୂର୍ବକ ପ୍ରଦାନ କରାଯାଇଥିଲା । ଉପରୋକ୍ତ ନିୟମ ପ୍ରତିବର୍ଷ ସେପ୍ଟେମ୍ବର ମାସରୁ ଯୋଗ୍ୟ ପ୍ରାର୍ଥୀଙ୍କ ନିମନ୍ତେ ଏକ ତାଲିକା ପ୍ରସ୍ତୁତ ନିମନ୍ତେ ବ୍ୟବସ୍ଥା କରିଥିଲା । ଏହା ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ଏକ ବୈଧାନିକ ଦାୟିତ୍ୱ ଥିଲା । ପ୍ରତିବର୍ଷ ଏହି ବ୍ୟବସ୍ଥା ନିର୍ବାହ କରିବାର ଆବଶ୍ୟକ ଥିଲା । ତାହାପରେ, କେବଳ ପଦୋନ୍ନତି ଆଦେଶ ଜାରି

ହେବାର ଥିଲା । ଯାହାହେଉ, ୧୯୭୬ ବର୍ଷ ନିମନ୍ତେ କୌଣସି ତାଲିକା ପ୍ରସ୍ତୁତ ହୋଇନଥିଲା । ପରବର୍ତୀକାଳରେ ନିୟମାବଳୀ ସଂଶୋଧିତ ହେଲା, ଯାହା ସେଥିରେ ସଂପୃକ୍ତ ଥିବା ଆବେଦନକାରୀଙ୍କୁ ପ୍ରଦୋନ୍ନତି ନିମନ୍ତେ ଅଯୋଗ୍ୟ ବିବେଚିତ କଲା । ଏଭଳି ପରିସ୍ଥିତିରେ ଏହି ନ୍ୟାୟାଳୟ ମତ ପ୍ରଦାନ କରିଥିଲେ ଯେ ସଂଶୋଧନ ପୂର୍ବରୁ ସୃଷ୍ଟି ହୋଇଥିବା ଶୂନ୍ୟ ପଦବୀ ନିମନ୍ତେ ସଂଶୋଧିତ ନିୟମ ପ୍ରଯୁଜ୍ୟ ହେବନାହିଁ । ସଂଶୋଧିତ ନିୟମାବଳୀ ପୂର୍ବରୁ ସୃଷ୍ଟିହୋଇଥିବା ଶୂନ୍ୟ ପଦବୀ ପୁରାତନ ନିୟମାବଳୀ ଦ୍ୱାରା ନିୟନ୍ତ୍ରିତ ହେବ, ସଂଶୋଧିତ ନିୟମାବଳୀ ଲାଗୁହେବନାହିଁ ।

୨୫. ଉପସ୍ଥିତ ମାମଲାରେ ପ୍ରତିବାଦୀମାନଙ୍କ ଉପରେ ଯୋଗ୍ୟ ପ୍ରାର୍ଥୀଙ୍କର କିମ୍ବା ପଦୋନ୍ନତି ନିମନ୍ତେ ଚୟନ ହୋଇଥିବା ପ୍ରାର୍ଥୀଙ୍କ ବାର୍ଷିକ ତାଲିକା ପ୍ରସ୍ତୁତ କରିବା ନିମନ୍ତେ କୌଣସି ବୈଧାନିକ ଦାୟିତ୍ୱ ନ୍ୟସ୍ତ କରାଯାଇନଥିଲା । ପ୍ରକୃତରେ ନିୟମ ୨ରେ ଥିବା ବ୍ୟବସ୍ଥା ରାଜ୍ୟ ସରକାରଙ୍କୁ କୌଣସି ପଦବୀ ଅପୂରଣ ରଖିବାରେ ଅଧିକାର ପ୍ରଦାନ କରେ । ତେଣୁ ସ୍ପଷ୍ଟରୂପେ ଏଭଳି କୌଣସି ବୈଧାନିକ କର୍ତବ୍ୟ ନାହିଁ, ଯାହାକୁ ରାଜ୍ୟ ସରକାର ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ପାଳନ କରିବାକୁ ବାଧ୍ୟ ହେବେ । ଗୋଟିଏ ବର୍ଷରେ ଶୂନ୍ୟ ପଦବୀ ଚିହ୍ନଟ କରିବାର ଆବଶ୍ୟକତା କିମ୍ବା ନିୟମ ୭ର ଅଧୀନରେ କେତେଗୋଟି ପଦବୀ ପୂରଣ କରାଯିବ ସେଥି ନିମନ୍ତେ ନିଷ୍ପତି ନେବା, ପଦୋନ୍ନତି ନିମନ୍ତେ ଚୟନ ହୋଇଥିବା ପ୍ରାର୍ଥୀଙ୍କୁ ପଦୋନ୍ନତି ଆଦେଶ ଜାରି ନକରାଯିବା ସହ ସମାନ ଭାବେ ବିଚାର କରାଯାଇପାରିବ ନାହିଁ । ଆମ୍ଭ ମତାନୁସାରେ ଅପିଲକାରୀମାନେ ପଦୋନ୍ନତି ନିମନ୍ତେ ବିବେଚିତ ହେବାର କୌଣସି ଅଧିକାର ପ୍ରାପ୍ତ ହୋଇ ନଥିଲେ । ତେଣୁ ୧୭.୦୫.୧୯୯୯ ପୂର୍ବରୁ ଯେଉଁ ଶୂନ୍ୟ ପଦବୀ ସୃଷ୍ଟି ହୋଇଥିଲା ସେଗୁଡ଼ିକ ଅସଂଶୋଧିତ ନିୟମାବଳୀ ଅଧୀନରେ ପୂରଣ କରାଯିବାର ଡ଼: ରାଜୀବ ଧତ୍ତଙ୍କ ଉପସ୍ଥାପନାକୁ ଗ୍ରହଣ କରିବା କଷ୍ଟସାପେକ୍ଷ ।'

(ଗୁରୁତ୍ୱ ପ୍ରଦତ୍ତ)

୭.୧୪ ଉପସ୍ଥିତ ମାମଲାରେ, ପ୍ରତିଦ୍ୱନ୍ଦିତାକାରୀ ପ୍ରତିବାଦୀ ସେମାନଙ୍କ ପାରସ୍ପରିକ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ଅଧିନିୟମ ୬ ଅନୁଯାୟୀ ସୁପାରିଶ ହୋଇଥିଲେ । ତାହାପରେ ନିଯୁକ୍ତି ପ୍ରକ୍ରିୟାର କୌଣସି ଅଗ୍ରଗତି ହୋଇନଥିଲା । ଓ.ଏ.ଏସ୍ ଶ୍ରେଣୀ-୨ ନିୟମାବଳୀ, ୧୯୭୮ କିମ୍ବା ଓ.ଏ.ଏସ୍ ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ ଅନୁସାରେ ନିଯୁକ୍ତି ପ୍ରକ୍ରିୟା ସଂପୂର୍ଣ୍ଣ କରିବା ନିମନ୍ତେ କୌଣସି ସମୟସୀମା ନିର୍ଦ୍ଧାରଣ ହୋଇନଥିଲା ।

୭.୧୫ ଇତି ମଧ୍ୟରେ ରାଜ୍ୟସରକାର ଓଡ଼ିଶା ପ୍ରଶାସନିକ ସେବା କ୍ୟାଡ଼ରକୁ ପୁର୍ନଗଠନ କଲେ ଏବଂ ୨୮.୦୨.୨୦୦୯ ଓ ୨୫.୦୫.୨୦୦୯ର ଆନୁଷ୍ଠାନିକ ପ୍ରସ୍ତାବ ବଳରେ ଓଡ଼ିଶା ରାଜସ୍ୱ ସେବା ଗଠନ କଲେ ।

ପୁର୍ନଗଠନ ପ୍ରକ୍ରିୟାର ଏକ ଅଂଶ ରୁପେ ଅତୀତର ଓ.ଏ.ଏସ୍ ଶ୍ରେଣୀ-୨ ପଦବୀ ଗୁଡ଼ିକ ଉଚ୍ଛେଦ କରାଗଲା ଏବଂ ନୂତନରୁପେ ଗଠିତ ଓଡ଼ିଶା ରାଜସ୍ୱ ସେବାରେ ଗ୍ରୁପ 'ଖ' ପଦବୀ ନିମନ୍ତେ ଏକ ସମାନୁପାତିକ ନୂତନ କ୍ୟାଡ଼ର ସୃଷ୍ଟି କରାଗଲା ।

୭.୧୬ ପ୍ରତିଦ୍ୱନ୍ଦିତାକାରୀ ପ୍ରତିବାଦୀମାନେ ଓ.ଏ.ଏସ୍ ଶ୍ରେଣୀ-୨ ପଦବୀ କିମ୍ବା ସମାନୁପାତିକ ଭାବେ ସୃଷ୍ଟି ହୋଇଥିବା ଓଡ଼ିଶା ରାଜସ୍ୱ ସେବା ଗ୍ରୁପ୍ 'ଖ' ପଦବୀକୁ ଆପତି କରିନାହାନ୍ତି ।

୭.୧୭. ଅନ୍ୟ ପକ୍ଷରେ, ନୂତନ ରୂପେ ସୃଷ୍ଟି ହୋଇଥିବା ଓଡ଼ିଶା ରାଜସ୍ୱ ସେବା ଗ୍ରୁପ୍ 'ଖ' କ୍ୟାଡ଼ରରେ ୩୦.୦୫.୨୦୧୩ରେ ଆହୂତ ହୋଇଥିବା ଡ଼ି.ପି.ସିର କାର୍ଯ୍ୟ ପ୍ରକ୍ରିୟାରେ ସେମାନଙ୍କ ମଧ୍ୟରୁ କେତେକ ନିଯୁକ୍ତି ନିମନ୍ତେ ଭାଗ ନେଇଥିଲେ ।

ବିଚାରକୁ ନେବାପରେ, ପ୍ରତିଦ୍ୱନ୍ଦିତାକାରୀ ପ୍ରତିବାଦୀଙ୍କ ମଧ୍ୟରୁ ୬ ଜଣ ଚୟନ ହୋଇଥିଲେ, ଯେତେବେଳେ କି ଜଣେ ପ୍ରାର୍ଥୀଙ୍କୁ ପ୍ରତ୍ୟାଶୀ ତାଲିକାରେ ରଖାଯାଇଥିଲା ।

ରାଜ୍ୟସରକାର ଉକ୍ତ ପତିବାଦୀମାନଙ୍କୁ ଓଡ଼ିଶା ରାଜସ୍ୱ ସେବା ଶ୍ରେଣୀ 'ଖ' ପଦବୀରେ ନିଯୁକ୍ତି ଦେଲେ । କିନ୍ତୁ ୫ ଜଣ ପ୍ରତିଦ୍ୱନ୍ଦତାକାରୀ ପ୍ରତିବାଦୀ, ଯେଉଁମାନେ ନିଯୁକ୍ତି ପାଇଥିଲେ, ସେମାନଙ୍କ ମଧ୍ୟରୁ କେବଳ ୨ ଜଣ ପଦବୀରେ ଯୋଗ ଦେଲେ ।

୭.୧୮ ପରବର୍ତ୍ତୀକାଳରେ, ରିଟ୍ ପିଟିସନ ଗୁଡ଼ିକ ବିଚାରାଧୀନ ଥିବା ସମୟରେ ଓଡ଼ିଶା ରାଜସ୍ୱ ସେବା ଶ୍ରେଣୀ 'ଖ'ରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଓଡ଼ିଶା ପ୍ରଶାସନିକ ସେବା ଶ୍ରେଣୀ 'କ' (କନିଷ୍ଠ ବିଭାଗ) ପଦବୀକୁ ପଦୋନ୍ନତି ନିମନ୍ତେ ବିଚାର କରିବାକୁ ଅନ୍ୟ ଏକ ଡ଼ି.ପି.ସି. ଆହ୍ୱାନ କରାଯାଇଥିଲା ।

ଜଣେ ପ୍ରତିଦ୍ୱନ୍ଦିତାକାରୀ ପ୍ରତିବାଦୀଙ୍କୁ ଓ.ଏ.ଏସ୍. ଶ୍ରେଣୀ 'କ' (କନିଷ୍ଠ ବିଭାଗ) କ୍ୟାଡ଼ରକୁ ପଦୋନ୍ନତି ଦିଆଗଲା ।

୭.୧୯ ପ୍ରତିଦ୍ୱନ୍ଦିତାକାରୀ ପ୍ରତିବାଦୀମାନେ ଉଚ୍ଛେଦ ହୋଇଥିବା ଓ.ଏ.ଏସ୍. ଶ୍ରେଣୀ-୨ ପଦବୀ, ଯାହା ପୁରାତନ ଓ.ଏ.ଏସ୍. ଶ୍ରେଣୀ-୨ ନିୟମ ୧୯୭୮ ଏବଂ ଓ.ଏ.ଏସ୍. ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ ଦ୍ୱାରା ନିୟନ୍ତ୍ରିତ, ସେଥି ନିମନ୍ତେ କୌଣସି ଆଇନଗତ ଦାବୀ ରଖିପାରିବେ ନାହିଁ ।

୭.୨୦. ଏହି ପରିପ୍ରେକ୍ଷୀରେ, ଏହି ନ୍ୟାୟାଳୟ ଦ୍ୱାରା 'ରାଜସ୍ଥାନ ଲୋକ ସେବା ଆୟୋଗ ବନାମ ଚନନ ରାମ ଏବଂ 'ଭାରତ ସରକାର ଏବଂ ଓଗେର ବନାମ କୃଷ୍ଣ କୁମାର ଏବଂ ଓଗେର' ମାମଲାରେ ପ୍ରଦତ୍ତ ଦୁଇଗୋଟି ନିଷ୍ପତ୍ତି ଉପରେ ଆସ୍ଥା ପ୍ରକଟ କରାଯାଇପାରେ ।

'ରାଜସ୍ଥାନ ଲୋକ ସେବା ଆୟୋଗ ବନାମ ଚନନ ରାମ ମାମଲାରେ ଏହି ନ୍ୟାୟାଳୟ ପ୍ରଚଳିତ ନିୟମ ସଂଶୋଧନ ପରେ ଅସ୍ତିତ୍ୱ ଥିବା ଶୂନ୍ୟ ପଦବୀ ପୂରଣ ନିମନ୍ତେ ଦାବୀକୁ ନାକଚ କରିଥିଲେ ।

ଉକ୍ତ ନିଷ୍ପତ୍ତିର ଆବଶ୍ୟକୀୟ ଉଦ୍ଧୃତାଂଶ ନିମ୍ନମତେ ପ୍ରାସଙ୍ଗିକ ଉଲ୍ଲେଖ ନିମନ୍ତେ ପୁନଃଉପସ୍ଥାପନ କରାଗଲା ।

୧୫. <u>ଏହା ଧରାଗଲା ଯେ ଏପ୍ରିଲ୍, ୧୯୯୫ ପରେ ଯଦି କୌଣସି ପୁରାତନ ଶୂନ୍ୟ ପଦବୀ ନଥିଲା, ଏହି ପଦବୀ ଗୁଡ଼ିକ ପୂରଣ ନିମନ୍ତେ ପୂର୍ବ ନିଯୁକ୍ତି ନିୟମାବଳୀ ପ୍ରୟୋଗ କରାଯିବ ନା ନାହିଁ ଏହା ବିଚାରକୁ ନେବାର କୌଣସି ଆବଶ୍ୟକତା ନାହିଁ ।</u> ରାଜସ୍ଥାନ କୃଷି ସମ୍ବନ୍ଧୀୟ ବିପଣନ ସେବାର କ୍ୟାଡ଼ରରେ ଏପ୍ରିଲ୍, ୧୯୯୫ ପରେ ପୂର୍ବରୁ ଦର୍ଶାଯାଇଥିବା ଏଭଳି କୌଣସି ପଦବୀ ନଥିଲା .....

୧୫. ଅନ୍ୟ ପକ୍ଷରେ ଜୟି ସିଂ ଦଲାଲ ବନାମ ହରିୟାନା ସରକାର (୧୯୯୩) ସପ୍ଲିମେଂଟାରୀ (୨) ଏସ୍. ସି. ସି. ୬୦୦: ୧୯୯୩ ଏସ୍. ସି. ସି. (ଏଲ୍. ଆଣ୍ଡ ଏସ୍.) ୮୫୬: (୧୯୯୩) ୨୫ ଏଟିସି ୭୮୮) ମାମଲାରେ ଏହି ନ୍ୟାୟାଳୟର ତିନି ଜଣିଆ ଖଣ୍ଡପୀଠର ରାୟ ଉପସ୍ଥିତ ମାମଲାର ତଥ୍ୟ ନିମନ୍ତେ ଯୁକ୍ତିଯୁକ୍ତ ହେବ। ହରିୟାନା ସରକାର ବନାମ ସୁବାସ ଚନ୍ଦ୍ର ମାରଡ୍ଡା (୧୯୭୫(୩) ଏସ୍. ସି. ସି. ୨୨୦: ୧୯୭୩ ଏସ୍. ସି. ସି. (ଏଲ୍. ଆଣ୍ଡ ଏସ୍.) ୫୮୮) ମାମଲାରେ ଏହି ନ୍ୟାୟାଳୟ ଦେଇଥିବା ପୂର୍ବ ରାୟରେ ଆସ୍ଥା ପ୍ରକଟ କରି ତିନି ଜଣିଆ ଖଣ୍ଡପୀଠ ତରଫରୁ ନ୍ୟାୟମୂର୍ତି ଏ.ଏମ୍. ଅହମ୍ମଦି ଲିଖିତ ବିବରଣୀର ଅନୁଚ୍ଛେଦ ୭ରେ ଏହା ଉପସ୍ଥାପନ। କଲେ ଯେ <u>ଯେତେବେଳେ ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ହୋଇନଥିଲା ଏବଂ ଚୟନ ତାଲିକା ଶେଷ ପର୍ଯ୍ୟାୟରେ ପହଂଚିନଥିଲା ପ୍ରାର୍ଥୀମାନେ ନିଯୁକ୍ତି ନିମନ୍ତେ କୌଣସି ଅଧିକାର ପ୍ରାପ୍ତ ହେଲେ ନାହିଁ । ଏହି ପରିପ୍ରେକ୍ଷୀରେ ଏହି ମତ ଦିଆଗଲା ଯେ କୌଣସି ପ୍ରାର୍ଥୀ ନିଯୁକ୍ତି ପାଇବା ପୂର୍ବରୁ ଯେ କୌଣସି ସମୟରେ ନିଯୁକ୍ତି ପ୍ରକ୍ରିୟାକୁ ସରକାରଙ୍କ ଦ୍ୱାରା ସ୍ଥଗିତ କରାଯାଇପାରିବ । ନିଯୁକ୍ତି ପ୍ରକ୍ରିୟାରେ ସଂପୂର୍ଣ୍ଣ କରାଇବାରେ ପ୍ରାର୍ଥୀଙ୍କର କୌଣସି ନ୍ୟାର୍ଯ୍ୟ ଅଧିକାର ନାହିଁ, ଅଧିକନ୍ତୁ, ସମ୍ବିଧାନର ଧାରା ୧୫ ଅନୁସାରେ ସରକାର ଏହାର କାର୍ଯ୍ୟକୁ ଯଥାର୍ଥ ପ୍ରତିପାଦନ କରିବା ଆବଶ୍ୟକ ।'</u>

(ଗୁରୁତ୍ୱ ପ୍ରଦତ୍ତ)

କେନ୍ଦ୍ର ସରକାର ଓ ଓଗେର ବନାମ କ୍ରିଷ୍ଣା କୁମାର ଏବଂ ଓଗେର ମାମଲାରେ ଏହି ନ୍ୟାୟାଳୟ କ୍ୟାଡ଼ର ପୁର୍ନଗଠନର ଏକ ସମପ୍ରକାର ସ୍ଥିତିର ବିଚାର କରୁଥିଲେ ।

ଉକ୍ତ ନିଷ୍ପତ୍ତିର ଆବଶ୍ୟକୀୟ ଉଦ୍ଧୃତାଂଶ ପ୍ରାସଙ୍ଗିକ ଉଲ୍ଲେଖ ନିମନ୍ତେ ନିମ୍ନମତେ ପୁନଃଉପସ୍ଥାପନ କରାଗଲା ।

> '୧୫. ଆଇନ୍‌ର ଏହି ମତାନୁସାରେ, ଏହା ସ୍ପଷ୍ଟ ଯେ ଷ୍ଟାରାଂଟ ଅଧିକାରୀର ମଧ୍ୟବର୍ତୀ ପଦବୀ ସୃଷ୍ଟି ହେବାପରେ ଆସାମ ରାଇଫଲସ୍ ଗଠନରେ ପରିବର୍ତ୍ତନ ହେଲା ଯେ ହାବିଲଦାର ପଦବୀରେ ଥିବା ବ୍ୟକ୍ତିଙ୍କୁ ଷ୍ଟାରାଂଟ ଅଧିକାରୀ ପଦବୀରେ ପଦୋନ୍ନତି ନିମନ୍ତେ ବିଚାରକୁ ନିଆଯିବ । ପୁର୍ନଗଠନ ପ୍ରକ୍ରିୟାର ଫଳ ସ୍ୱରୁପ ଷ୍ଟାରାଂଟ ଅଧିକାରୀର ମଧ୍ୟବର୍ତୀ ପଦବୀ ସୃଷ୍ଟି ହୋଇଥିଲା । ଆମ୍ଭ ମତାନୁସାରେ ଉଚ୍ଚନ୍ୟାୟାଳୟ ପ୍ରଦାନ କରିଥିବା ମତ ଯେ ନିଯୁକ୍ତି ନିୟମାବଳୀ ସଂଶୋଧନ ହେବା ପୂର୍ବରୁ ସୃଷ୍ଟିହୋଇଥିବା ଶୂନ୍ୟ ପଦବୀ, ସେ ସମୟରେ ପ୍ରଚଳିତ ଥିବା ନିୟମାବଳୀ ଦ୍ୱାରା ନିୟନ୍ତ୍ରିତ ହେବ, ଏହା ତ୍ରୁଟିପୂର୍ଣ୍ଣ ଅଟେ । ପୂର୍ବରୁ ସୂଚିତ ହୋଇଥିବା ଫଇସଲା ପ୍ରାପ୍ତ ମାମଲା ଏହା ଦର୍ଶାଏ ଯେ ଏପରି କୌଣସି ଐକାନ୍ତିକ କିମ୍ବା ସାର୍ବଜନୀନ ପ୍ରଯୋଗାତ୍ମକ ନିୟମ ନାହିଁ । <u>ଉଚ୍ଚନ୍ୟାୟାଳୟର ନିଷ୍ପତ୍ତିରେ ସଂପୂର୍ଣ୍ଣ ଭିତି ଏହା ଥିଲା ଯେ ପୁର୍ନଗଠନ ପ୍ରକ୍ରିୟା ପୂର୍ବରୁ ଯେଉଁମାନେ ନିଯୁକ୍ତି ପାଇଥିଲେ ଏବଂ ହାବିଲଦାର ପଦବୀରେ ଥିଲେ, ସେମାନେ ନାଏବ ସୁବେଦାର ପଦବୀକୁ ପଦୋନ୍ନତି ନିମନ୍ତେ ନ୍ୟାଯ୍ୟ ଅଧିକାର ପାଇଥିଲେ। ଏହା ଆଇନ୍‌ର ସଠିକ ସ୍ଥିତିକୁ ପ୍ରତିଫଳିତ କରୁନାହିଁ । ପଦୋନ୍ନତି ନିମନ୍ତେ ଅଧିକାରକୁ ପଦୋନ୍ନତି ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବା ବେଳେ ପ୍ରଚଳିତ ଥିବା ନିୟମାବଳୀ ଅନୁସାରେ ବିଚାରକୁ ନିଆଯିବା ଉଚିତ ।</u>
>
> (ଗୁରୁତ୍ୱ ପ୍ରଦତ୍ତ)

୭.୨୧ ପ୍ରତିଦ୍ୱନ୍ଦିତାକାରୀ ପ୍ରତିବାଦୀଙ୍କ ଉପସ୍ଥାପନା ଯେ ସେମାନଙ୍କର ସ୍ଥିତିକୁ ୨୦୦୧ରୁ ୨୦୦୫ ମଧ୍ୟରେ ଥିବା ଶୂନ୍ୟପଦବୀ ନିମନ୍ତେ ଚୟନ ଏବଂ ପଦୋନ୍ନତି ଦ୍ୱାରା ନିଯୁକ୍ତି ପାଇଥିବା ପ୍ରାର୍ଥୀଙ୍କ ସହ ସମାନ ରୂପେ ବିଚାରକୁ ନିଆଯାଉ, ତାହା ଗ୍ରହଣଯୋଗ୍ୟ ନୁହେଁ ।

୨୦୦୧ ରୁ ୨୦୦୫ ବର୍ଷ ନିମନ୍ତେ ଥିବା ଶୂନ୍ୟପଦବୀରେ ନିଯୁକ୍ତି ଡ଼ିସେମ୍ବର ୬, ୨୦୧୦ର ଦୁଇଗୋଟି ବିଜ୍ଞାପ୍ତି ଅନୁସାରେ ଦିଆଯାଇଥିଲା, ଯାହାକି ପୁରାତନ ଓ.ଏ.ଏସ୍. ଶ୍ରେଣୀ-୨ ନିୟମାବଳୀ, ୧୯୭୮ ଏବଂ ଓ.ଏ.ଏସ୍. ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ ରଦ୍ଦ ହେବା ପୂର୍ବରୁ ଜାରି ହୋଇଥିଲା ।

୭.୨୨ ଅନ୍ତିମରେ, ରଦ୍ଦ ହୋଇଥିବା ଓ.ଏ.ଏସ୍. ଶ୍ରେଣୀ-୨ ନିୟମାବଳୀ, ୧୯୭୮ ଏବଂ ଓ.ଏ.ଏସ୍. ଶ୍ରେଣୀ-୨ ଅଧିନିୟମାବଳୀ, ୧୯୭୮ ଅନୁସାରେ ପଦୋନ୍ନତି ଦିଆଯାଇପାରିବ ବୋଲି ମତଦେବାକୁ ଉଚ୍ଚନ୍ୟାୟାଳୟ 'ମୁକ୍ତି ରଞ୍ଜନ ଆଚାର୍ଯ୍ୟ ଏବଂ ଓଗେର ବନାମ ଓଡ଼ିଶା ସରକାର ଏବଂ ଓଗେର' ଡ଼ବ୍ଲ୍ୟୁ.ପି.(ସି) ନଂ ୧୯୮୨୭/୨୦୦୯, ୧୬.୦୫.୨୦୧୨ରେ ଫଇସଲା ପ୍ରାପ୍ତ) ମାମଲାରେ ଦିଆଯାଇଥିବା ନିଷ୍ପତ୍ତି ଉପରେ ଆସ୍ଥାପ୍ରକଟ କରିଥିଲେ । ଏହି ରାୟ ବିରୁଦ୍ଧରେ ଦାୟର ହୋଇଥିବା ଏସ୍. ଏଲ୍.ପି. କେବଳ ମାତ୍ର ରଦ୍ଦ ହୋଇଥିଲା । ପ୍ରତିଦ୍ୱନ୍ଦିତାକାରୀ ପ୍ରତିବାଦୀଙ୍କ ଅଧିବକ୍ତା ଏହା ଉପସ୍ଥାପନା କରି ଉପସ୍ଥିତ ସିଭିଲ୍ ଅପିଲ୍ ଗୁଡ଼ିକୁ ରଦ୍ଦ କରବା ନିମନ୍ତେ ପ୍ରାର୍ଥନା କରିଥିଲେ ଯେ ଉପରୋକ୍ତ ନିଷ୍ପତ୍ତି, ଏହି ନ୍ୟାୟାଳୟ ଦ୍ୱାରା ୨୮.୦୯.୨୦୧୨ ଆଦେଶ ବଳରେ ସ୍ୱୀକୃତ ହୋଇଥିଲା ।

'ଉଚ୍ଚତମ ନ୍ୟାୟାଳୟ/ସୁପ୍ରିମ୍‌କୋର୍ଟ କର୍ମଚାରୀ କଲ୍ୟାଣ ସଂଘ ବନାମ କେନ୍ଦ୍ର ସରକାର ଏବଂ ଅନ୍ୟ ଓ ପଞ୍ଜାବ ସରକାର ବନାମ ଦବିନ୍ଦର ପାଲ ସିଂହ ଭୁଲ୍ଲର ମାମଲା ସମେତ ଏହି ନ୍ୟାୟାଳୟର ଅନେକଗୁଡ଼ିଏ ନିଷ୍ପତ୍ତିରୁ ଉଦ୍‌ଭୂତ ଆଇନର ସୁବ୍ୟବସ୍ଥିତ ସିଦ୍ଧାନ୍ତ ଏହି ଯେ ପ୍ରାରମ୍ଭିକ ସ୍ତରରେ ଏସ୍.ଏଲ୍.ପି. ରଦ୍ଦ ହେବା ଏହା ସୁଚିତ କରେ ଯେ ମାମଲାଟି ଏହି ନ୍ୟାୟାଳୟ ଦ୍ୱାରା କୌଣସି କାରଣ, ଯାହାକି ମାମଲାର ଉତ୍କର୍ଷ ବ୍ୟତିରେକ ଅନ୍ୟ କିଛି ହୋଇପାରେ, ଏଥି ନିମନ୍ତେ ବିଚାରଯୋଗ୍ୟ ହେଲା ନାହିଁ । କୌଣସି ସବିଶେଷ କାରଣ ପ୍ରଦାନ ନକରି ପ୍ରାରମ୍ଭିକ ପର୍ଯ୍ୟାୟରେ ମାମଲାଟି ଏ ପ୍ରକାର ରଦ୍ଦହେବା ଦ୍ୱାରା ଆଇନର କୌଣସି ସ୍ୱୀକୃତି କିମ୍ବା ସମ୍ବିଧାନର ଧାରା ୧୪୧ ଅଧିନରେ ଅନିବାର୍ଯ୍ୟ ପୂର୍ବଦୃଷ୍ଟାନ୍ତ ସୃଷ୍ଟି କରୁନାହିଁ ।

୮. ଉପରୋକ୍ତ ଆଧାରରେ, ଆମ୍ଭେ ମତ ପ୍ରଦାନ କରୁ ଯେ ମିଳିତ ଖଣ୍ଡପୀଠର ରାୟ ରଦ୍ଦ ହେବା ଯୋଗ୍ୟ, ଯେହେତୁ ୨୦୦୮ ନିଯୁକ୍ତି ବର୍ଷରେ ଥିବା ଓ.ଏ.ଏସ୍ ଶ୍ରେଣୀ-୨ ପଦବୀକୁ ପଦୋନ୍ନତି ନିମନ୍ତେ ପ୍ରତିଦ୍ୱନ୍ଦିତାକାରୀ ପ୍ରତିବାଦୀଙ୍କର କୌଣସି ନ୍ୟାର୍ଯ୍ୟ କିମ୍ବା ଫଳପ୍ରସୂ ଅଧିକାର ନଥିଲା । ପ୍ରତିଦ୍ୱନ୍ଦିତାକାରୀ ପ୍ରତିବାଦୀଙ୍କ ନାମ କେବଳ ବିଚାର ନିମନ୍ତେ ସୁପାରିଶ କରାଯାଇଥିଲା । ଇତି ମଧ୍ୟରେ, ୨୦୦୯ରେ ରାଜ୍ୟ ସରକାର କ୍ୟାଡ଼ର ପୁର୍ନଗଠନ କରିଥିଲେ ଏବଂ ଓ.ଏ.ଏସ୍ ଶ୍ରେଣୀ-୨ କ୍ୟାଡ଼ର ଉଚ୍ଛେଦ କରିଥିଲେ । ପୁର୍ନଗଠିତ କ୍ୟାଡ଼ର ଯଥା - ଓଡ଼ିଶା ରାଜସ୍ୱ ସେବା ଗ୍ରୁପ୍ 'ଖ' କ୍ୟାଡ଼ର ଏହାର ସ୍ଥାନ ନେଲା । ଅତଏବ, ପ୍ରତିଦ୍ୱନ୍ଦିତାକାରୀ ପ୍ରତିବାଦୀଙ୍କୁ ରଦ୍ଦ ହୋଇଥିବା କ୍ୟାଡ଼ରରେ ସୃଷ୍ଟି ହୋଇଥିବା ଶୂନ୍ୟପଦବୀରେ ୧୯୭୮ର ନିୟମାବଳୀ ଅନୁସାରେ ନିଯୁକ୍ତି ଦେବା ନିମନ୍ତେ ମିଳିତ ଖଣ୍ଡପୀଠର ନିର୍ଦ୍ଦେଶ ଆଇନର ପରିପନ୍ଥୀ ଏବଂ ରଦ୍ଦ ହେବା ଯୋଗ୍ୟ ।

ଉପରୋକ୍ତ ନିଷ୍କର୍ଷ ଦୃଷ୍ଟିରୁ, ଉପସ୍ଥିତ ସିଭିଲ ଅପିଲ ଗୁଡ଼ିକୁ ମଞ୍ଜୁର କରାଗଲା । ଡ଼ବ୍ଲୁପି.(ସି) ନଂ ୧୪୮୩୧/୨୦୧୩, ୧୮୭୪୯/୨୦୧୨, ୬୭୨୦/୨୦୧୩, ୨୫୯୬୧/୨୦୧୭ ଏବଂ ୯୨୦୦/୨୦୧୬ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦତ ୩୦.୦୪.୨୦୧୮ର ମିଳିତ ରାୟ ଏବଂ ଆଦେଶ ସମେତ ଡ଼ବ୍ଲୁପି.(ସି) ନଂ ୭୩୮୩/୨୦୧୮ ଏବଂ ୧୪୬୬୫/୨୦୧୮ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରଦତ୍ତ ୦୮.୦୮.୨୦୧୮ ଏବଂ ୧୦.୦୮.୨୦୧୮ର ରାୟକୁ ରଦ୍ଦ କରାଗଲା ।

ଯଦି କୌଣସି ଅନ୍ତବର୍ତୀକାଳୀନ ଆବେଦନ ବିଚାରାଧୀନ ଥାଏ, ତେବେ ତାହା ଏହି ରାୟ ବଳରେ ଦଫାରଫା ହେଲା

ତଦନୁ ଯାୟୀ ଆଦେଶ ପ୍ରଦାନ କରାଗଲା ।

ନୂଆଦିଲ୍ଲୀ
ମେ ୬, ୨୦୦୯

ସା- ନ୍ୟାୟମୂର୍ତି ଉଦୟ ଉମେଶ ଲଳିତ
ସା- ନ୍ୟାୟମୂର୍ତି ଇନ୍ଦୁ ମାଲ୍ହୋତ୍ରା

ଅସ୍ୱୀକାର ପତ୍ର

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜି ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନୁୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"